Candidate must not write on this margin.

# CSM—1/22

## ODIA LANGUAGE

## ଓଡ଼ିଆ ଭାଷା

**Time : 3 Hours**

ସମୟ : ୩ ଘଣ୍ଟା

**Full Marks : 250**

ପୂର୍ଣ୍ଣ ସଂଖ୍ୟା : ୨୫୦

*The figures in the right-hand margin indicate marks.*

ଖାତାର ଡ଼ାହାଣ ପଟେ ପ୍ରତ୍ୟେକ ପ୍ରଶ୍ନର ମାର୍କ ଦର୍ଶାଯାଇଛି ।

*Answer **all** questions.*

ସମସ୍ତ ପ୍ରଶ୍ନ ବାଧ୍ୟତାମୂଳକ ଅଟେ ।

**1.** ନିମ୍ନଲିଖିତ ଯେକୌଣସି **ଗୋଟିଏ** ବିଷୟରେ ପ୍ରାୟ ଆଠଶହ ଶବ୍ଦ ମଧ୍ୟରେ ପ୍ରବନ୍ଧ ଲେଖ : ୪୦

(କ) ସାଂପ୍ରତିକ ପରିପ୍ରେକ୍ଷୀରେ କୃଷକ ମାନଙ୍କର ପ୍ରତ୍ୟାହ୍ୱାନ

(ଖ) ଭାରତବର୍ଷରେ ଧର୍ମାନ୍ତରୀକରଣ

(ଗ) ମାନସିକ ସ୍ୱାସ୍ଥ୍ୟ ଏବଂ ସମାଜ

(ଘ) ଭାରତୀୟ ହସ୍ତଶିଳ୍ପ

**2.** ନିମ୍ନଲିଖିତ ଯେକୌଣସି **ପାଞ୍ଚଗୋଟି** ରଢ଼ିକୁ ଉପଯୁକ୍ତ ଅର୍ଥ ପ୍ରକାଶ କରୁଥିବା ବାକ୍ୟରେ ବ୍ୟବହାର କର : 10

(କ) ଅରଣ୍ୟରୋଦନ

(ଖ) ଛୁଞ୍ଚିମାଛି ପରୀକ୍ଷା

(ଗ) ଘରେ ନ ପଶୁଣୁ ଚାଳ ବାଜିବା

(ଘ) ଓଟ ମୁହଁରେ ଜୀରା

(ଙ) ହାଟ ମଧ୍ୟରେ ବ୍ରହ୍ମଜ୍ଞାନ

(ଚ) କପାଳ ଫାଟିବା

(ଛ) ଚିତା କାଟିବା

Sleepy Classes IAS
Awakening Toppers

**3.** ନିମ୍ନଲିଖିତ ବିଶେଷୋକ୍ତି ଗୁଡ଼ିକରୁ ଯେକୌଣସି **ଦୁଇଟିର** ପ୍ରତ୍ୟେକକୁ ଏକଶହ ଶବ୍ଦ ମଧ୍ୟରେ ବ୍ୟାଖ୍ୟା କର : 20

(କ) ଆପଣା ଶିଙ୍ଗରେ ଭୂଇଁ ତାଡ଼ିବା

(ଖ) ଝିଣ୍ଟିକା ମାରି ବଣି ପୋଷିବା

(ଗ) ଅନ୍ଧ ଥରେ ବାଡ଼ି ହଜାଏ

(ଘ) ପାଣି ପିଇବ ଛାଣି, ପଇସା ନେବ ଗଣି

(ଙ) ନାହିଁ ମାମୁଁଠାରୁ କଣାମାମୁଁ ଭଲ

(ଚ) ଚାଲି ନ ଜାଣି ବାଟର ଦୋଷ

(ଛ) ଧୀର ପାଣି ପଥର କାଟେ

**4.** ନିମ୍ନଲିଖିତ ଯେକୌଣସି **ପାଞ୍ଚଗୋଟି**କୁ ଏକପଦରେ ପ୍ରକାଶ କର : 10

(କ) ଯହିଁରେ କରଦେବାକୁ ହୁଏ ନାହିଁ

(ଖ) ଗ୍ରହଣ କରେ ଯେ

(ଗ) ଇତିହାସ ଜାଣନ୍ତି ଯେ

(ଘ) ଆନନ୍ଦର ଅଭାବ

(ଙ) ନାହିଁ ଅର୍ଥ ଯହିଁରେ ତାହା

(ଚ) ମହତ୍ ଯଶ ଯାହାର ସେ

(ଛ) ନାହିଁ ପାର ଯାହାର ସେ

**5.** ନିମ୍ନଲିଖିତ ସମୋଚ୍ଚାରିତ ଶବ୍ଦଗୁଡ଼ିକରୁ **ପାଞ୍ଚଟିର** ଅର୍ଥ ଲେଖି ବାକ୍ୟରେ ବ୍ୟବହାର କର : 10

(କ) ତରଣି - ତରଣୀ

(ଖ) ସୂଚୀ - ଶୁଚି

(ଗ) ନିତି - ନୀତି

(ଘ) ଭାସଣ - ଭାଷଣ

(ଙ) ବିଷ - ବିସ

(ଚ) ଯମକ - ଜମକ

(ଛ) ସର - ଶର

Candidate must not write on this margin.

Sleepy Classes IAS
Awakening Toppers

**6.** ନିମ୍ନଲିଖିତ ଯେକୌଣସି **ପାଞ୍ଚଟି** ଶବ୍ଦର ବିପରୀତାର୍ଥ ଶବ୍ଦ ଲେଖି ବାକ୍ୟ ଗଠନ କର : 10

Candidate must not write on this margin.

(କ) ଅନୁରକ୍ତି

(ଖ) ଦୁଷ୍ଟ

(ଗ) ଆନନ୍ଦ

(ଘ) ଦୟାଳୁ

(ଙ) ପୁରସ୍କାର

(ଚ) ହ୍ରାସ

(ଛ) ସରସ

**7.** ନିମ୍ନଲିଖିତ ଯେକୌଣସି **ପାଞ୍ଚଟି** ଶବ୍ଦର ସନ୍ଧି ବିଚ୍ଛେଦ କର : 10

(କ) ନାଉରିଆ

(ଖ) ବୈଭବ

(ଗ) ନେଳିଆ

(ଘ) ବେତୁଲି

(ଙ) ଓଡ଼ିଶୀ

(ଚ) ମହେଶ୍ୱର

(ଛ) ଲମ୍ବୋଦର

**8.** ନିମ୍ନଲିଖିତ ବିଗ୍ରହ ବାକ୍ୟକୁ ସମାସ କରି ଯେକୌଣସି **ପାଞ୍ଚଗୋଟିର** ସମସ୍ତପଦ ଲେଖ : 10

(କ) ସତ୍ୟ ଯାହାର ବୁଦ୍ଧି

(ଖ) ଧନୁକୁ ଧାରଣ କରନ୍ତି ଯେ

(ଗ) ଘୁଷୁରି ପାଳିବା ଜୀବିକା ଯାହାର

(ଘ) ଶତ୍ରୁକୁ ବଧ କରିଅଛି ଯେ

(ଙ) ମେଧା ଅଛି ଯାହାର

(ଚ) ନାହିଁ କଳଙ୍କ ଯାହାର ସେ

(ଛ) ଅନେକଙ୍କ ମଧ୍ୟରେ କ୍ଷୁଦ୍ର



Sleepy Classes IAS
Awakening Toppers

**Candidate must not write on this margin.**

**9.** ନିମ୍ନ ପରିଚ୍ଛେଦଟିକୁ ପାଠକରି ପରବର୍ତ୍ତୀ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ : 25

ଓଡ଼ିଶାରେ ପାଳିତ ହେଉଥିବା ପର୍ବଗୁଡ଼ିକ ମଧ୍ୟରେ ଅକ୍ଷୟତୃତୀୟା ହେଉଛି ଏକ ମହାନ କୃଷିଭିତ୍ତିକ ସାମାଜିକ ପର୍ବ । ବୈଶାଖମାସ ଶୁକ୍ଳପକ୍ଷ ତୃତୀୟାଦିନ ଏହି ପର୍ବଟି ପାଳିତ ହୋଇଥାଏ । ଏହି ଦିନଟିକୁ ଅକ୍ଷୟତୃତୀୟା କାହିଁକି କୁହାଯାଏ ତାର ଅନେକ କାରଣ ରହିଛି । ସତ୍ୟଯୁଗରେ ପ୍ରବଳ ପ୍ରତାପୀ ଅକ୍ଷୟାସୁରର ଅତ୍ୟାଚାରରେ ପୃଥିବୀ ଥରହର ହେଲା । ଦେବତାମାନେ ତା ଭୟରେ ସ୍ୱର୍ଗଛାଡ଼ି ପଳାୟନ କଲେ । ଭଗବାନ ବିଷ୍ଣୁ ବୈଶାଖ ଶୁକ୍ଳ ତୃତୀୟା ଦିନ ଅକ୍ଷୟାସୁରକୁ ନିଧନ କରି ପୃଥିବୀକୁ ଶାନ୍ତ କଲେ । ଅକ୍ଷୟାସୁର ନାମରେ ଏହି ଦିନଟିକୁ 'ଅକ୍ଷୟତୃତୀୟା' କୁହାଗଲା । ସୃଷ୍ଟି ଆରମ୍ଭରୁ ଏ ପର୍ଯ୍ୟନ୍ତ ସମୟକୁ ଚାରିଟି ଯୁଗରେ ଭାଗ କରାଯାଏ । ଚାରିଯୁଗ ହେଲା ସତ୍ୟ, ତ୍ରେତୟା, ଦ୍ୱାପର ଓ କଳି । ଅକ୍ଷୟତୃତୀୟା ଦିନଟି ଆଦି ସତ୍ୟଯୁଗର ପ୍ରଥମ ଦିବସ । ଏହିଦିନ ଜଗନ୍ନାଥଙ୍କ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୁଏ । ଏହିଦିନ କୃଷକମାନେ ନିଜ ନିଜ ଜମିରେ ବିଧିପୂର୍ବକ ମୁଠି ଅନୁକୂଳ କରିଥାନ୍ତି । ଧାନ ହେଉଛି ଅକ୍ଷୟବୀଜ । ତେଣୁ ପ୍ରଥମ ଧାନବୁଣା ଦିନଟିକୁ 'ଅକ୍ଷୟତୃତୀୟା' କହିବା ସମୀଚୀନ ଅଟେ । 'ସ୍କନ୍ଦପୁରାଣ' ର ଉତ୍କଳଖଣ୍ଡରେ ''ନୀଳାଦ୍ରି ମହୋଦୟ'' ଜଗନ୍ନାଥଙ୍କ ରଥ ନିର୍ମାଣ ବିବରଣୀ ବର୍ଣ୍ଣିତ । ପ୍ରାଚୀନକାଳରୁ ଏ ଯାବତ୍ ଜଗନ୍ନାଥଙ୍କ ରଥନିର୍ମାଣ କାର୍ଯ୍ୟ ପବିତ୍ର ଅକ୍ଷୟତୃତୀୟା ଦିନରୁ ସଂପାଦିତ ହୋଇ ଆସୁଛି ।

ଏହି ଅକ୍ଷୟତୃତୀୟା ଦିନଠାରୁ ମହାପ୍ରଭୁ ଜଗନ୍ନାଥ ଓ ଲିଙ୍ଗରାଜ ମହାଦେବଙ୍କର ଚନ୍ଦନଯାତ୍ରା ଉତ୍ସବ ଆରମ୍ଭ ହୋଇଥାଏ । ଜ୍ୟେଷ୍ଠମାସ ଶୁକ୍ଳପକ୍ଷ ଅଷ୍ଟମୀ ପର୍ଯ୍ୟନ୍ତ ୨୧ ଦିନ ବ୍ୟାପୀ ଚନ୍ଦନଯାତ୍ରା ପର୍ବ ପାଳିତ ହୋଇଥାଏ । ସ୍କନ୍ଦପୁରାଣର ଉତ୍କଳଖଣ୍ଡରେ ତ୍ରିକାଳଜ୍ଞ ମହାମୁନି ଜୈମିନୀ ଋଷିମାନଙ୍କୁ ଜଗନ୍ନାଥଙ୍କର ଯାତ୍ରାଗୁଡ଼ିକ ବିଷୟରେ ବର୍ଣ୍ଣନାକରି ଅକ୍ଷୟତୃତୀୟାର ମାହାତ୍ମ୍ୟ କହିଛନ୍ତି ।

ଅକ୍ଷୟତୃତୀୟା ପୂର୍ବଦିନ କୃଷକମାନେ ଜମିରେ ପାଣି ପକାଇ ରଖନ୍ତି । ନୂତନ ଲଙ୍ଗଳ, ନୂତନ କାଙ୍କ, କୋଡ଼ି, କୋଦାଳ, ନୂତନ ଭାର, ଶିକା, ଧାନ ଗଉଣି ଓ ଶୁକ୍ଳଧାନ ଆଦି ପ୍ରସ୍ତୁତ କରନ୍ତି । ତୃତୀୟ ଦିନ ପାହାନ୍ତା ପ୍ରହରରୁ ଶେଯରୁ ଉଠି ସ୍ନାନ ଶୌଚ ପୂର୍ବକ ନବବସ୍ତ୍ର ପରିଧାନ କରନ୍ତି । ଘର ସାମନାକୁ ଗୋମୟଦ୍ୱାରା ଲିପି କଳସ ସ୍ଥାପନ କରି ଦୀପ ଜଳାନ୍ତି । ନୂତନଭାବରେ ଧାନ ଗଉଣି, ପୂଜା ସାମଗ୍ରୀ ଓ ଜଳଧରି ବାହାରି ପଡ଼ନ୍ତି । ଶଙ୍ଖ, ଘଣ୍ଟ ବଜାଇ ଓ ହୁଳହୁଳି ଦେଇ ଗୃହିଣୀମାନେ ଶୁଭ କାମନା କରି ସ୍ୱାମୀମାନଙ୍କୁ କ୍ଷେତକୁ ପଠାନ୍ତି । ଜମିରେ କୃଷକ ବିଧିପୂର୍ବକ ଭୂମିପୂଜା ଓ ଲକ୍ଷ୍ମୀପୂଜା କରି ଅଧିକ ଫସଲ ଅମଳର ଆଶାନେଇ ଧାନମୁଠି ଅନୁକୂଳ କରନ୍ତି । ଘରେ ଘରେ ଆନନ୍ଦ ଲହରୀ ଖେଳିଯାଏ । ଅରୁଆ ଚାଉଳର ଖେଚୁଡ଼ି ଓ ପିଠାପଣା କରି ଗୃହିଣୀମାନେ ନୂତନ ପଳାଶ ପତ୍ରରେ ପରିବାରର ସଭିଙ୍କୁ ଖାଇବାକୁ ଦିଅନ୍ତି । ଲୋକଙ୍କର ବିଶ୍ୱାସ-ଏହିଦିନ ଶାଗ ଖାଇଲେ ଜମିରେ ଅଧିକ ଘାସ ଜନ୍ମିଥାଏ । ତେଣୁ ଲୋକମାନେ ଏହିଦିନ ଶାଗ ଖାଆନ୍ତି ନାହିଁ ।

Sleepy Classes IAS
Awakening Toppers

Candidate must not write on this margin.

ଅକ୍ଷୟତୃତୀୟା ଦିନଟି ପଶ୍ଚିମ ଓଡ଼ିଶାରେ କ୍ଵାଇଁପୂଜନ ଦିବସ ଭାବେ ଖ୍ୟାତ । କ୍ଵାଇଁମାନଙ୍କୁ ଘରକୁ ଆମନ୍ତ୍ରଣ କରି ନୂତନ ବସ୍ତ୍ର ଦେଇ ଫଳମୂଳ ଖୁଆଇ ଆପ୍ୟାୟିତ କରାଯାଏ । ଲୋକମାନେ ପରସ୍ପରକୁ କାକୁଡ଼ି, ତରଭୁଜ, ଆମ୍ବ, ଖଜୁରୀ, ଲିଚୁ, କେନ୍ଦୁ ଆଦି ଫଳ ଖୁଆଇ ଆନନ୍ଦ ଉପଭୋଗ କରନ୍ତି ।

(କ) ବୈଶାଖମାସ ଶୁକ୍ଳପକ୍ଷ ତୃତୀୟାଦିନ ଓଡ଼ିଶାରେ ପାଳିତ ପର୍ବକୁ କାହିଁକି 'ଅକ୍ଷୟତୃତୀୟା' କୁହାଯାଏ ?

(ଖ) ଅକ୍ଷୟତୃତୀୟା ସହିତ ମହାପ୍ରଭୁ ଜଗନ୍ନାଥ ଓ ଲିଙ୍ଗରାଜ ମହାଦେବଙ୍କର କ'ଣ ସଂପର୍କ ଅଛି?

(ଗ) କୃଷକମାନେ ଅକ୍ଷୟତୃତୀୟା ସମୟରେ ଧାନମୁଠି ଅନୁକୂଳ କରିବା ପୂର୍ବରୁ କ'ଣ ସବୁ ନୀତି ପାଳନ କରନ୍ତି?

(ଘ) ଓଡ଼ିଶାର କୃଷକସମାଜରେ ଭୂମିପୂଜା ଦିନଟିକୁ ଗୃହିଣୀମାନେ କିପରି ପାଳନ କରନ୍ତି?

(ଙ) ଅକ୍ଷୟତୃତୀୟା ଦିନଟିକୁ ପଶ୍ଚିମ ଓଡ଼ିଶାରେ କିପରି ପାଳନ କରାଯାଏ?

**10.** ନିମ୍ନଲିଖିତ ପରିଚ୍ଛେଦଟିର ସାରାଂଶ ନିଜ ଭାଷାରେ ପ୍ରାୟ ଏକ ତୃତୀୟାଂଶ ଶବ୍ଦ ମଧ୍ୟରେ ଲେଖ : 25

ପଲ୍ଲୀଠାରୁ ଆରମ୍ଭ କରି ଜିଲ୍ଲା, ରାଜ୍ୟ, ଦେଶ, ବ୍ୟାପକ ଅର୍ଥରେ ଏ ସମସ୍ତ ଆମର ଜନ୍ମଭୂମି । ଏଇ ଜନ୍ମଭୂମି ଆମ ପାଇଁ କେତେ ବିଲ, ବଣ, ପାହାଡ଼-ପର୍ବତ, ନଦ-ନଦୀ, ପ୍ରପାତ-ନିର୍ଝର, ହ୍ରଦ-ସାଗର ଆଦି ପ୍ରାକୃତିକ ଦୃଶ୍ୟଭରା ସ୍ଥାନ ସଜାଇ ରଖିଛି । ସେ ସବୁକୁ ଦେଖି ଆମେ ଆନନ୍ଦରେ ଆତ୍ମହରା ହେଉ ।

ଆମ ଓଡ଼ିଶା ରାଜ୍ୟର ଦେବଗଡ଼ ଏକ କ୍ଷୁଦ୍ର ଜିଲ୍ଲା । ଦେବଗଡ଼ ସହର ହେଉଛି ଏହି ଜିଲ୍ଲାର ସଦର ମହକୁମା । ଏହି ସହରର ପ୍ରାୟ ଏକ କିଲୋମିଟର ଦୂରରେ ରହିଛି ପ୍ରଧାନପାଟ ପର୍ବତ । ତହିଁରୁ ଝରି ଆସୁଥିବା ଝରଣାରୁ ସୃଷ୍ଟି ହୋଇଛି ଅତି ଉଚ୍ଚ ପ୍ରଧାନପାଟ ଜଳପ୍ରପାତ । ପ୍ରପାତର ଉତ୍ପତ୍ତି ବିଷୟରେ ଲୋକ ପ୍ରଚଳିତ ଏକ ସୁନ୍ଦର କାହାଣୀ ରହିଛି ।

ଦ୍ୱାପର ଯୁଗରେ ଭଗବାନ ଶ୍ରୀକୃଷ୍ଣଙ୍କ ଦେହ ତ୍ୟାଗ ପରେ ପାଣ୍ଡବମାନେ ପରୀକ୍ଷିତଙ୍କୁ ରାଜ୍ୟଦେଇ ଦ୍ରୌପଦୀଙ୍କୁ ସାଙ୍ଗରେ ନେଇ ତୀର୍ଥାଟନରେ ବାହାରିଲେ । ପୂର୍ବ ସମୁଦ୍ରକୂଳସ୍ଥ ଅର୍କକ୍ଷେତ୍ରରେ ସୂର୍ଯ୍ୟଦେବଙ୍କୁ ପୂଜା କରି ଓଡ଼ିଶାର ବିଭିନ୍ନ ସ୍ଥାନ ଭ୍ରମଣ କଲେ । ପ୍ରାଚୀନ କୋଶଳ ରାଜ୍ୟରେ ଭ୍ରମଣ କଲାବେଳେ ସେମାନେ ଜଳ ନ ପାଇ ତୃଷାତୁର ହୋଇ ଭଗବାନ ଶ୍ରୀକୃଷ୍ଣଙ୍କୁ ସ୍ମରଣ କଲେ । ଭକ୍ତବତ୍ସଳ ଭଗବାନ ଶ୍ରୀକୃଷ୍ଣ ପାଣ୍ଡବଙ୍କ କଷ୍ଟ ସହି ନ ପାରି କୌମୋଦକୀ ଗଦାରେ ପ୍ରଧାନପାଟ ପର୍ବତକୁ ପ୍ରହାର କରି ସାତଟି କୁଣ୍ଡ ସୃଷ୍ଟି କଲେ । ଗଦା ପ୍ରହାର ଶବ୍ଦରେ ବନଭୂମି ପ୍ରକମ୍ପିତ ହେଲା । ପାଣ୍ଡବମାନେ ଶବ୍ଦ ଶୁଣି ଚକିତ ହେଲେ । ସାତକୁଣ୍ଡରୁ ଜଳଝରି ପର୍ବତରେ ଏକ ପ୍ରପାତ ସୃଷ୍ଟି କଲା । ଯୁଧିଷ୍ଠିର ଝାଡ଼େଶ୍ୱର ଶିବଲିଙ୍ଗ ସ୍ଥାପନ କରି ସେହି ଜଳରେ ତାଙ୍କୁ ପ୍ରତିଷ୍ଠା କଲେ । ତା ପରେ ଦ୍ରୌପଦୀଙ୍କ ସହ ପଞ୍ଚଭ୍ରାତା ଜଳପାନ କରି ତୃପ୍ତ ହେଲେ ।

Candidate must not write on this margin.

ହଜାର ହଜାର ବର୍ଷପରେ ବାମଣ୍ଡାରେ ଗଙ୍ଗବଂଶୀ ରାଜାଗଣ ରାଜତ୍ୱ କଲେ । ପ୍ରଧାନପାଟର ଉତ୍ପତ୍ତି ଓ ତାର ମହିମା ପ୍ରଚାର ପାଇଁ ଜଣେ ରଷି ଏହି ବଂଶର ଜନୈକ ରାଜାଙ୍କୁ ଡ଼ାକି ନେଇ ଝରଣାକୁ ଦେଖାଇଲେ । ସେ ପ୍ରପାତର ଜଳକୁ ରଜ୍ଜୁରୂପେ ଧରି ଉପରକୁ ଉଠି ଅଦୃଶ୍ୟ ହୋଇଗଲେ । ଏହା ଦେଖି ରାଜା ଭୀତ, ଚକିତ ହେଲେ । ସେହି ସ୍ମୃତିକୁ ସେ ସ୍ମରଣ କରିବା ପାଇଁ ପ୍ରପାତ ଗୁମ୍ଫାରେ ରଷିଙ୍କର ପ୍ରସ୍ତର ବିଗ୍ରହ ସ୍ଥାପନ କଲେ ।

ପ୍ରଧାନପାଟ ପର୍ବତ ଦୁଇଟି ଶାଖାରେ ବିଭକ୍ତ । ପ୍ରଧାନ ଶାଖାଟି ଦେବଗଡ଼ର ଉତ୍ତରରେ ଅବସ୍ଥିତ । ଅନ୍ୟ ଶାଖାଟି ଦେବଗଡ଼ର ଉତ୍ତର-ପଶ୍ଚିମରେ କୋରଡ଼କୋଟଠାରେ ରହିଛି । ବାମଣ୍ଡାର ପ୍ରଖ୍ୟାତ ମହାରାଜା ସଚ୍ଚିଦାନନ୍ଦ ତ୍ରିଭୁବନଦେବ କୋରଡ଼କୋଟ ଜଳପ୍ରପାତରୁ ଜଳବିଦ୍ୟୁତ ଶକ୍ତି ଉତ୍ପନ୍ନ କରାଇ ରାଜଧାନୀ ଦେବଗଡ଼କୁ ଆଲୋକିତ କରିଥିଲେ ।

ପ୍ରଧାନପାଟ ପ୍ରପାତର ଜଳ ପର୍ବତର ପାଦଦେଶରେ ଅବସ୍ଥିତ ଗୋଟିଏ କୁଣ୍ଡରେ ଝର୍ଝର ଶବ୍ଦରେ ପତିତ ହୋଇ ତଳକୁ ବହି ଯାଇଛି । ପ୍ରପାତରୁ ଛିଞ୍ଚାଡ଼ି ହୋଇ ପଡୁଥିବା ଜଳରେ ପତିତ ସୂର୍ଯ୍ୟକିରଣ ହେତୁ ଶତ ଶତ ଇନ୍ଦ୍ରଧନୁ ସୃଷ୍ଟିହୁଏ । ପ୍ରଧାନପାଟ ଜଳକୁ ରାଜା ବାସୁଦେବ ପାଇପ୍ ସାହାଯ୍ୟରେ ରାଜଧାନୀକୁ ଯୋଗାଇ ଦେଉଥିଲେ । ସେହି ଜଳରେ ଲୋକମାନେ ସ୍ନାନ, ରନ୍ଧନ କରିବା ସହ ଜମିରେ ଜଳସେଚନ କରୁଥିଲେ ।

ପ୍ରଧାନପାଟ ପ୍ରପାତର ପାଦଦେଶରେ 'ବସନ୍ତନିବାସ' ଓ 'ଲଳିତ ନିବାସ' ନାମକ ଦୁଇଟି ରମଣୀୟ ଶୈଳନିବାସ ବାମଣ୍ଡା ରାଜା ସଚ୍ଚିଦାନନ୍ଦ ତ୍ରିଭୁବନ ଦେବଙ୍କ ଦ୍ୱାରା ନିର୍ମିତ ହୋଇଥିଲା । ବସନ୍ତ ନିବାସରେ ରତୁରାଜ ବସନ୍ତ ସବୁଦିନେ ଅବସ୍ଥାନ କରିଆନ୍ତି । ପ୍ରପାତର ଅନତି ଦୂରରେ ଗୋଟିଏ କୂଳରେ ଦୁଇଟି ସୁନ୍ଦର ଉଦ୍ୟାନ ରାଜା ବାସୁଦେବ ସୁଢ଼ଳ ଦେବଙ୍କ ଦ୍ୱାରା ନିର୍ମିତ ହୋଇଥିଲା । ହାତୀ, ବାଘ, ଭାଲୁ, ଜଳହସ୍ତୀ, କୁମ୍ଭୀର, ସନ୍ନ୍ୟାସୀ, ନର୍ତ୍ତକୀ ଆଦି ଅନେକଗୁଡ଼ିଏ ସିମେଣ୍ଟ ନିର୍ମିତ ପ୍ରତିମୂର୍ତ୍ତି ଉଦ୍ୟାନର ଶୋଭା ବଢ଼ାଉଥିଲା । ଲୋକମାନଙ୍କର ଅମାନୁଷିକ ଅତ୍ୟାଚାର ଯୋଗୁଁ ଉଦ୍ୟାନଟି ନଷ୍ଟ ହୋଇ ଯାଇଛି । ପ୍ରଧାନପାଟ ରୋଗୀ, ଭୋଗୀ, ଉଭୟଙ୍କ ପାଇଁ ଆମୋଦଦାୟକ ସ୍ଥଳୀ ଅଟେ । ବଣଭୋଜି ପାଇଁ ବର୍ଷସାରା ଏଠାକୁ ଅନେକ ଲୋକ ଆସନ୍ତି ।

ସାହିତ୍ୟାନୁରାଗୀ ମହାରାଜା ବାସୁଦେବ ସୁଢ଼ଳଦେବ ଓ ସଚ୍ଚିଦାନନ୍ଦ ତ୍ରିଭୁବନଦେବଙ୍କ ସମୟରେ ଓଡ଼ିଶାର ବିଶିଷ୍ଟ କବି ଏବଂ ଲେଖକମାନେ ଆସି ଏହି ସ୍ଥାନରେ ସେମାନଙ୍କର ସାହିତ୍ୟ ସାଧନା କରୁଥିଲେ ।

**11.** ନିମ୍ନ ପରିଚ୍ଛେଦଟିକୁ ଇଂରାଜୀରେ ଅନୁବାଦ କର : 20

Candidate must not write on this margin.

ଅରଣ୍ୟ ବନ୍ୟପ୍ରାଣୀଙ୍କର ଆଶ୍ରୟସ୍ଥଳ । ସେମାନେ ଅରଣ୍ୟର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ସଂଗେ ସଂଗେ ଅରଣ୍ୟ ସୁରକ୍ଷା କରିଥାନ୍ତି । ହାତୀ, ବାଘ, ଭାଲୁ ଆଦି ହିଂସ୍ର ଜନ୍ତୁଙ୍କ ଭୟରେ ଲୋକମାନେ ଅରଣ୍ୟକୁ ଯାଆନ୍ତି ନାହିଁ । ଅରଣ୍ୟ ଆମର ଅମୂଲ୍ୟ ସଂପଦ । ତାର ସୁରକ୍ଷା ଆମର ପ୍ରଧାନ କର୍ତ୍ତବ୍ୟ । ନିର୍ବିଚାରରେ ଲୋକମାନେ ଗଛକାଟି ଅରଣ୍ୟ ନଷ୍ଟ କରୁଛନ୍ତି । ଗଛର ଉପକାରିତା ବିଷୟରେ ଲୋକଙ୍କୁ ବୁଝାଇ ସଚେତନ କରାଇଲେ ଅରଣ୍ୟ ନଷ୍ଟ ହେବନାହିଁ । କୃଷିକ୍ଷେତ୍ରୀୟ ବନୀକରଣ ଓ ସାମାଜିକ ବନୀକରଣ ଦ୍ୱାରା ଗ୍ରାମର ପରିବେଶ ସୁରକ୍ଷା ହେବ । ସରକାର ତଥା ଲୋକଙ୍କ ପ୍ରଚେଷ୍ଟାରେ ଗ୍ରାମ କମିଟିମାନ ଗଢ଼ାଯାଇ ଜଙ୍ଗଲ ସୁରକ୍ଷା କରାଯାଉଛି । ସରକାରଙ୍କର ବନମହୋତ୍ସବକୁ ସମ୍ମାନ ଦେଇ ପ୍ରତ୍ୟେକ ମଣିଷ ଗଛ ଲଗାଇ ଅରଣ୍ୟ ବୃଦ୍ଧି କରିବା ଉଚିତ୍ । ଅଗ୍ନିଦାଉରୁ ଅରଣ୍ୟକୁ ରକ୍ଷା କରିବା ଆମର କର୍ତ୍ତବ୍ୟ । ଆମେ ଅରଣ୍ୟର ଯତ୍ନ ନେଲେ ସେ ଆମକୁ ପିଲାପରି ପାଳିବ ।

**12.** ନିମ୍ନ ପରିଚ୍ଛେଦଟିକୁ ଓଡ଼ିଆରେ ଅନୁବାଦ କର : 20

The history of art in ancient India virtually begins from the reign of Ashoka. Whatever we find in Indus Valley is isolated, its continuity is broken. We find for the first time, buildings and structures of permanent materials like stone, rock and brick during the Mauryan period. During the Vedic and later Vedic period buildings were made up of impermanent materials. It was Ashoka who substituted stone for wood, the common material for the construction of the buildings. This change from impermanent to permanent material was due to the desire of the emperor under whose patronage the Indian art flourished considerably. From C.2500 BCE to 250 BCE is a long period of which we have hardly any record in the matter of artistic expression. The architecture of this period was mostly of wood and has perished without leaving a trace behind.

★★★

SleepyClasses IAS Awakening Toppers